# NATIONAL NEWS BULLETIN (ODIA)
## 10th October - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ରତନ ଟାଟାଙ୍କର ୮୬ ବର୍ଷ ବୟସରେ ପରଲୋକ ।

— ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ।

- ୨୧ତମ ଆସିଆନ୍ ଭାରତ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଆଜିଠାରୁ ଲାଓସ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଶ୍ରୀଲଙ୍କାକୁ ୮୨ ରନ୍‌ରେ ପରାସ୍ତ କଲା ଭାରତ ।

— ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ବିଜୟ ଲାଭ କରି ବାଂଲାଦେଶ ବିପକ୍ଷରେ ଆନ୍ତର୍ଜାତିକ ଶୃଙ୍ଖଳା ଜିତିଲା ଭାରତ ।

## ରତନ ଟାଟା

ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ରତନ ଟାଟାଙ୍କର ଗତକାଲି ରାତିରେ ୮୬ ବର୍ଷ ବୟସରେ ମୁମ୍ବାଇରେ ପରଲୋକ ଘଟିଛି। ଶ୍ରୀ ଟାଟା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଏବଂ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା। ଟାଟା ସନ୍ସର ଅଧ୍ୟକ୍ଷ ଏନ. ଚନ୍ଦ୍ରଶେଖରନ୍ କହିଛନ୍ତି, ରତନ ଟାଟାଙ୍କ ନେତୃତ୍ୱରେ ଟାଟା ଗ୍ରୁପ୍ ଏହାର ବିଶ୍ୱସ୍ତରୀୟ ଉପସ୍ଥିତିକୁ ବିସ୍ତାର କରିଛି ଏବଂ ସର୍ବଦା ଏହାର ନୈତିକ ଅନୁସନ୍ଧାନ ପ୍ରତି ବିଶ୍ୱସ୍ତ ରହିଛି। ରତନ ଟାଟାଙ୍କ ନମ୍ରତା, ଉଦାରତା ଓ ନୈତିକ ପରମ୍ପରା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ତାଙ୍କ ଅନ୍ତିମ ସଂସ୍କାର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହ କରାଯିବ ବୋଲି ମହାରାଷ୍ଟ୍ର ସରକାର ଘୋଷଣା କରିଛନ୍ତି । ଶ୍ରୀ ରତନ ଟାଟା' ଟାଟା ସନ୍ସର ଏମିରିଟ୍‌ସ୍ ଏବଂ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ଥିଲେ। ଭାରତର ଅନ୍ୟତମ ସମ୍ମାନଜନକ ବ୍ୟବସାୟୀ ରତନ ଟାଟା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଟାଟା ସନ୍ସର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ । ସେ ଟାଟା ଟ୍ରଷ୍ଟ ଜରିଆରେ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ

ଭାବେ ଜଡ଼ିତ ଥିଲେ। ପଦ୍ମଭୂଷଣ ଓ ପଦ୍ମବିଭୂଷଣ ଭଳି ଅନେକ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା।

## ପ୍ରେଜ୍-ପି.ଏମ୍. - କଣ୍ଡୋଲେନ୍ସ

ରତନ ଟାଟାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ରତନ ଟାଟାଙ୍କ ବିୟୋଗରେ ଭାରତ ରାଷ୍ଟ୍ରନିର୍ମାଣ ସହିତ କର୍ପୋରେଟ୍ ବିକାଶ ଏବଂ ନୈତିକତା ସହ ସଂଯୋଗ ସ୍ଥାପନ କରିଥିବା ଜଣେ ମହାନ୍ ବ୍ୟକ୍ତିଙ୍କୁ ହରାଇଛି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ରତନ ଟାଟା ତାଙ୍କ ମହାନ୍ ପରମ୍ପରାକୁ ଆଗକୁ ବଢ଼ାଇଛନ୍ତି ଏବଂ ଏହାକୁ ସମଗ୍ର ବିଶ୍ୱରେ ଅଧିକ ପ୍ରଭାବଶାଳୀ କରିଛନ୍ତି। ସେ କହିଛନ୍ତି, ରତନ ଟାଟା ବ୍ୟବସାୟୀ ଏବଂ ଯୁବଛାତ୍ରମାନଙ୍କୁ ସମାନ ଭାବରେ ପ୍ରେରଣା ଦେଇଛନ୍ତି।

ରତନ ଟାଟାଙ୍କ ବିୟୋଗରେ ସେ ଗଭୀର ଦୁଃଖିତ ବୋଲି ଉପରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଶ୍ରୀ ଧନଖଡ଼ କହିଛନ୍ତି, ରତନ ଟାଟା ଭାରତୀୟ ଶିଳ୍ପର ଜଣେ ମହାନ ବ୍ୟକ୍ତି ଥିଲେ, ଯିଏ ଆତ୍ମନିର୍ଭର ଭାରତ ନିର୍ମାଣରେ ଅବିସ୍ମରଣୀୟ ଅବଦାନ ଦେଇଥିଲେ ।

ରତନ ଟାଟାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରତନ ଟାଟାଙ୍କ ସହ ତାଙ୍କର କଥାବାର୍ତ୍ତାକୁ ମନେ ପକାଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଦୃଷ୍ଟିକୋଣ ବହୁତ ବ୍ୟାପକ ଥିଲା । ସେ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ପରିମଳ କ୍ଷେତ୍ରରେ ଟାଟା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଟାଟା ଭାରତର ଅନ୍ୟତମ ପୁରୁଣା ଏବଂ ସମ୍ମାନଜନକ ବ୍ୟାବସାୟିକ ସଂସ୍ଥାକୁ ସ୍ଥିର ନେତୃତ୍ୱ ପ୍ରଦାନ କରିଛି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ରତନ ଟାଟା ନିଃସ୍ୱାର୍ଥପର ଭାବରେ ଦେଶର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ । ସେ କହିଛନ୍ତି, ଯେତେବେଳେ ବି ସେ ଟାଟାଙ୍କୁ ଭେଟିଥିଲେ, ସେତେବେଳେ ସେ ଭାରତର ଉନ୍ନତି ଏବଂ ସେଠାକାର ଲୋକଙ୍କ କଲ୍ୟାଣ ପାଇଁ ଏକ ନୂତନ ଉତ୍ସାହ ଦେଖିଥିଲେ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ରତନ ଟାଟା ଦେଶର ଅର୍ଥନୀତିରେ ତାଙ୍କର ଅବଦାନ ପାଇଁ ସର୍ବଦା ସ୍ମରଣୀୟ ରହିବେ।

କଂଗ୍ରେସ ନେତା ରାହୁଲ ଗାନ୍ଧି ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଶ୍ରୀ ଟାଟା ଉଭୟ ବ୍ୟବସାୟ ଏବଂ ପରୋପକାରରେ ଏକ ଅବିସ୍ମରଣୀୟ ଛାପ ଛାଡିଛନ୍ତି।

ଆଦାନି ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ, ମହିନ୍ଦ୍ରା ଗ୍ରୁପର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର

ଫଡନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ପ୍ରମୁଖ ରତନ ଟାଟାଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ରତନ ଟାଟା ପ୍ରୋଫାଇଲ୍

ରତନ ନଭାଲ ଟାଟା ନ୍ୟୁୟର୍କର କର୍ନେଲ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୧୯୬୨ ମସିହାରେ ଟାଟା ଗ୍ରୁପରେ ଯୋଗ ଦେଇଥିଲେ । ୧୯୭୫ ମସିହାରେ ସେ ହାଭାର୍ଡ ବିଜନେସ ସ୍କୁଲରେ ଆଡଭାନ୍ସ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ଶେଷ କରିଥିଲେ । ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରିବା ପରେ ୧୯୭୧ ମସିହାରେ ସେ ନ୍ୟାସନାଲ ରେଡିଓ ଆଣ୍ଡ ଇଲେକ୍ଟ୍ରୋନିକ୍ସ କମ୍ପାନୀ ଲିମିଟେଡର ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ । ୧୯୮୧ ମସିହାରେ ସେ ଟାଟା ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ । ରତନ ଟାଟା ୧୯୯୧ମସିହା ଡିସେମ୍ବର ୨୮ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଟାଟା ସନ୍ସର ଅଧ୍ୟକ୍ଷ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଟାଟା ଗ୍ରୁପର ରାଜସ୍ୱ ଅନେକ ଗୁଣ ବୃଦ୍ଧି ପାଇ୨୦୧୧-୧୨ ମସିହାରେ ସମୁଦାୟ ୧୦୦ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ହୋଇଥିଲା। ରତନ ଟାଟାଙ୍କ ନେତୃତ୍ୱରେ ଟାଟା ମୋଟର୍ସ ଯାତ୍ରୀବାହୀ ଯାନ କ୍ଷେତ୍ରରେ ପ୍ରବେଶ କରିଥିଲା। ପରେ ଏହା 'ପିପୁଲ୍ସ କାର୍ ଟାଟା ନାନୋ'କୁ

ଲଞ୍ଚ୍ କରିବା ସହ ପ୍ରସିଦ୍ଧ ବ୍ରିଟିଶ କାର୍ ନିର୍ମାତା ଜାଗୁଆର ଲ୍ୟାଣ୍ଡରୋଭରକୁ ମଧ୍ୟ ଅଧିଗ୍ରହଣ କରିଥିଲା। ଶ୍ରୀ ଟାଟାଙ୍କ କାର୍ଯ୍ୟକାଳ ରେ ଟାଟା ଷ୍ଟିଲ କୋରସ, ଟାଟା ଟି ବ୍ରିଟିଶ ଟେଟଲି ଗ୍ରୁପ୍, ଟାଟା ଗ୍ଲୋବାଲ ବିଭରେଜ୍ ଷ୍ଟାରବକ୍ସ ସହ ମିଳିତ ଉଦ୍ୟୋଗ, ଟାଟା ଗ୍ରୁପ୍ ଭିଏନ୍ଏଲ୍ ଏବଂ ଟାଇଟନ୍ ଗହଣା ବ୍ରାଣ୍ଡ୍ 'ତନିସ୍କ' କିଣିଥିଲା। ୨୦୨୧ରେ ଏୟାର ଇଣ୍ଡିଆ ନିଲାମ ଜିତିଥିଲା । ଅବସର ପରେ ଟାଟା ସନ୍ସ, ଟାଟା ଇଣ୍ଡଷ୍ଟ୍ରିଜ୍, ଟାଟା ମୋଟର୍ସ, ଟାଟା ଷ୍ଟିଲ୍ ଏବଂ ଟାଟା କେମିକାଲ୍ସର ଏମିରିଟସ୍ ଅଧ୍ୟକ୍ଷ ଭାବେ ଟାଟାଙ୍କୁ ସମ୍ମାନଜନକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଟାଟା ପରିବାରର ଅନ୍ୟ ସଦସ୍ୟଙ୍କ ପରି ସମାଜସେବା ଓ ସମାଜର ବିକାଶ ପ୍ରତି ତାଙ୍କର ସମର୍ପଣ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରେରଣା ଯୋଗାଇଥିଲା । ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ତାଙ୍କର ଏହି ପଦକ୍ଷେପ ଭାରତୀୟଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ନିକଟରେ ସେ ମୁମ୍ବାଇରେ ଟାଟା ଟ୍ରଷ୍ଟର ସ୍ମଲ୍ ଆନିମଲ ହସ୍ପିଟାଲର ଶୁଭାରମ୍ଭ କରିଥିଲେ। ରତନ ଟାଟା ଇଣ୍ଡିଆ କ୍ଲାଇମେଟ୍ କୋଲାବୋରେଟର ଅନ୍ୟତମ ପ୍ରତିଷ୍ଠାତା ଥିଲେ । ଭାରତ ସରକାର ୨୦୦୮ମସିହାରେ ଶ୍ରୀ ଟାଟାଙ୍କୁ ନିଜର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣରେ ସମ୍ମାନିତ କରିଥିଲେ । ସେ ଭାରତ ଏବଂ ବିଦେଶର ଅନେକ ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମଧ୍ୟ ପାଇଛନ୍ତି । ଏଭଳି ଜଣେ ମହାନ ବ୍ୟକ୍ତିଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ।

## ପ୍ରେଜ୍ - ଫରେନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ରବିବାରଠାରୁ ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲୱି ଗସ୍ତରେ ଯିବେ । ନୂଆଦିଲ୍ଲୀରେ ଏ ସମ୍ପର୍କରେ ସୂଚନା ଦେଇ ଅର୍ଥନୈତିକ ସମ୍ପର୍କ ବିଭାଗ ସଚିବ ଦାମୁ ରବି କହିଛନ୍ତି, ଭାରତ' ଆଫ୍ରିକା ସହ ଏକ ସୁଦୃଢ଼ ସହଭାଗିତା ଆଶା କରୁଛି । ଗତବର୍ଷ ଭାରତର ଅଧ୍ୟକ୍ଷତା ସମୟରେ ଆଫ୍ରିକୀୟ ସଂଘ ଜି-୨୦ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ଦକ୍ଷିଣ କ୍ଷେତ୍ର ପ୍ରତି ପ୍ରାଧାନ୍ୟ ଦେଉଛନ୍ତି । ଆଫ୍ରିକା ସହ ସମ୍ପର୍କ ବୃଦ୍ଧି ଏବଂ ସେହି ଅଞ୍ଚଳରେ ଅଭିବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟ ପ୍ରାୟ ୧୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି ବୋଲି ଶ୍ରୀ ରବି ସୂଚନା ଦେଇଛନ୍ତି ।

## ପି.ଏମ୍. - ଲାଓସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଲାଓସ୍‌ର ଭିଏଣ୍ଟିଆନେ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବ ଭାଗ ସଚିବ ଜୟଦୀପ ମଜୁମ୍‌ଦାର ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ

ସୂଚନା ଦେଇ କହିଛନ୍ତି, ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୨୧ତମ ଆସିଆନ୍ ଭାରତ ଶିଖର ସମ୍ମିଳନୀ ଏବଂ ୧୯ତମ ପୂର୍ବ ଏସୀୟ ଶିଖର ସମ୍ମିଳନୀରେ ଯୋଗଦେବେ । ଆସିଆନ୍ ଭାରତ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଦଶମ ଥର ପାଇଁ ଯୋଗ ଦେବେ ବୋଲି ଶ୍ରୀ ମଜୁମ୍‌ଦାର ସୂଚନା ଦେଇଛନ୍ତି । ଲାଓସ୍‌ର ପ୍ରଧାନମନ୍ତ୍ରୀ ସୋନେକ୍ସେ ସିଫାଣ୍ଡୋନେଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଭିଏଣ୍ଟିଆନେ ଗସ୍ତରେ ଯାଉଛନ୍ତି ବୋଲି ସେ କହିଛନ୍ତି । ଆସିଆନ୍ ସଦସ୍ୟ ରାଷ୍ଟ୍ରମୁଖ୍ୟଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ନେଇ ପ୍ରଧାନମନ୍ତ୍ରୀ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ସେ କହିଛନ୍ତି ।

## ଏନ୍.ଆଇ.ଏ.

ପୁଡୁଚେରୀର ହିଜବ୍-ଉତ୍-ତହରୀର - ଏଚ୍.ୟୁ.ଟି. ସଂଗଠନ ସହ ଜଡ଼ିତ ଏକ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି -ଏନ୍‌ଆଇଏ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନଆଇଏ କହିଛି, ରାଜ୍ୟ ଏଚ୍.ୟୁ.ଟି. ମୁଖ୍ୟ ଫୈଜୁଲ ରେହମାନ ଓରଫ୍ ନକିବ୍‌କୁ ଗିରଫ କରାଯାଇଛି । ଚେନ୍ନାଇରେ ଏହାର କାର୍ଯ୍ୟକର୍ତ୍ତା ହମିଦ ହୁସେନ୍ ଏବଂ ତାଙ୍କର ଅନେକ ସହଯୋଗୀ ବିଚ୍ଛିନ୍ନତାବାଦୀ ବିଚାରଧାରାର ପ୍ରଚାର ପ୍ରସାର ପାଇଁ ଷଡ଼ଯନ୍ତ୍ର କରିଥିଲେ।

ଫୈଜୁଲ ରହମାନ୍ ଅନେକ ସମାନ ଚିନ୍ତାଧାରା ଥିବା ଗୋଷ୍ଠୀଙ୍କ ସହ ଅନେକ ଗୁପ୍ତ ବୈଠକ କରିଥିଲେ ଏବଂ ତାମିଲନାଡୁ ରାଜ୍ୟରେ ଅନେକ ବିଭାଜନକାରୀ ଅଭିଯାନର ନେତୃତ୍ୱ ନେଇଥିଲେ। ଫୈଜୁଲ ରେହମାନ ହେଉଛି ଏହି ମାମଲାରେ ଗିରଫ ହୋଇଥିବା ସପ୍ତମ ଏଚ୍.ୟୁ.ଟି. କାର୍ଯ୍ୟକର୍ତ୍ତା।

## ଜାତୀୟ କ୍ରୀଡ଼ା

ଉତ୍ତରାଖଣ୍ଡରେ ଜାନୁଆରୀ ୨୮ରୁ ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ୩୮ତମ ଜାତୀୟ କ୍ରୀଡ଼ା ଅନୁଷ୍ଠିତ ହେବ । ଭାରତୀୟ ଅଲିମ୍ପିକ୍ ସଂଘର ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ବୈଠକରେ ଜାତୀୟ କ୍ରୀଡ଼ାର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯିବ । ଉତ୍ତରାଖଣ୍ଡରେ ଶୀତକାଳୀନ ଜାତୀୟ କ୍ରୀଡ଼ା ମଧ୍ୟ ଆୟୋଜନ କରାଯିବ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ନୂଆଦିଲ୍ଲୀ ଠାରେ ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ପି.ଟି. ଉଷାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ୩୮ତମ ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ଉତ୍ତରାଖଣ୍ଡର ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ଧାମି ସଭାପତି ଉଷାଙ୍କୁ ସୂଚନା ପ୍ରଦାନ କରିଥିଲେ ।

# ୱିମେନ୍ - ଟି-ଟ୍ୱେଣ୍ଟି

ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଗତକାଲି ଖେଳାଯାଇଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଗ୍ରୁପ୍ 'ଏ' ମ୍ୟାଚ୍ ରେ ଶ୍ରୀଲଙ୍କାକୁ ୮୨ ରନ୍‌ରେ ପରାସ୍ତ କରିଛି। ରନ୍ ଦୃଷ୍ଟିରୁ ଭାରତର ମହିଳା ଟି-୨୦ ବିଶ୍ୱକପ୍ ଇତିହାସରେ ଏହା ସବୁଠାରୁ ବଡ଼ ବିଜୟ। ଏହି ବିଜୟ ଦ୍ୱାରା ଭାରତ ଗ୍ରୁପ୍ 'ଏ'ରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡକୁ ପଛରେ ପକାଇବା ସହ ନ୍ୟୁଜିଲାଣ୍ଡର ନେଟ୍ ରନ୍ ରେଟ୍ ଅତିକ୍ରମ କରିବାରେ ସହାୟକ ହେବ। ଏହା ପୂର୍ବରୁ ଭାରତୀୟ ମହିଳା ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଷ୍ଟାର ବ୍ୟାଟ୍ସମ୍ୟାନ୍ ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ୧୭୨ ରନ୍ ସ୍କୋର କରିଥିଲା। ସ୍ମୃତି ମନ୍ଧାନା ୫୦ ଓ ହରମନପ୍ରୀତ କୌର ଅପରାଜିତ ୫୨ ରନ୍ କରିଥିଲେ। ହରମନପ୍ରୀତ କୌର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୧୭୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ଦଳ ୧୯ ଓଭର ଓ ୫ଟି ବଲରେ ୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ଓ ଆଶା ଶୋଭନା ୩ଟି ଲେଖାଏଁ, ରେଣୁକା ସିଂହ ଠାକୁର ୨ଟି, ଶ୍ରେୟାଙ୍କା ପାଟିଲ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ଆଜି ଗ୍ରୁପ୍ 'ବି'ର ଏକ ମ୍ୟାଚ୍ ରେ ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟାରେ ମୁକାବିଲା ହେବ ।

# କ୍ରିକେଟ୍

ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ଭାରତ ବାଂଲାଦେଶକୁ ୮୬ ରନ୍ ରେ ପରାସ୍ତ କରିଛି । ଏହି ବିଜୟ ସହ ଭାରତୀୟ ପୁରୁଷ ଦଳ ଗୋଟିଏ ମ୍ୟାଚ୍ ବାକି ଥାଇ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୨-୦ରେ ଜିତି ନେଇଛି । ଟି-୨୦ ଇତିହାସରେ ବାଂଲାଦେଶ ବିପକ୍ଷରେ ଭାରତର ରନ୍ ବ୍ୟବଧାନ ଦୃଷ୍ଟିରୁ ଏହି ବିଜୟ ସବୁଠାରୁ ବଡ଼ ସଫଳତା । ନିକଟରେ ଭାରତ ଟି-୨୦ ବିଶ୍ୱକପ୍‌ରେ ନର୍ଥ ସାଉଣ୍ଡରେ ୫୦ ରନ୍‌ରେ ବିଜୟ ହାସଲ କରିବାର ପୂର୍ବ ରେକର୍ଡ ଭାଙ୍ଗିଛି । ୨୨୨ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୫ ରନ୍ କରିଥିଲା । ଭାରତର ନୀତିଶ ରେଡ୍ଡୀ ଓ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ଅଭିଷେକ ଶର୍ମା, ମୟଙ୍କ ଯାଦବ ଓ ରିଆନ୍ ପରାଗ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ନୀତୀଶ ରେଡ୍ଡୀ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

*****